# Akashvani, Sambalpur

## SAMBALPURI NEWS EVENING BULLETIN

**26 December 2024- 7.02 pm- 7.12 pm.**

********************************************

୧- ଦେଶେ ଛୁଆମାନ୍‌କର୍ ପ୍ରତିଭାକେ ମାଏନ୍‌ତା ଦେବାର୍ ପରମ୍ପରା ରହିଆସିଛେ- କହେଲେ ରାଷ୍ଟ୍ରପତି ।

- ୧୪ ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୧୭ ଝନ୍ ଛୁଆ ପାଇଛନ୍ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ।

୨- ଯୁବଶକ୍ତି ଲାଗି ସାରା ପୁର୍‌ଥି ଆଏଜ୍ ଭାରତ୍‌କେ ଆଶା ଆର୍ ଆକାଂକ୍ଷା ନଜର୍‌ଥି ଦେଖୁଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ରାଏଜେ ଆଏବା ଶିକ୍ଷା ବଛର୍‌ନୁ ମୁଲ୍ ହେବା ଛାତ୍ରସଂସଦ୍ ନିର୍ବାଚନ୍- ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଧାନର୍ ଏଫ୍‌ଏକ୍ୟୁ ମାନ ବାବ୍‌ଦେ ଜିଲ୍ଲାପାଲ୍‌ମାନେ ନେବେ ନିଷ୍ପତି ।

ରାଷ୍ଟ୍ରପତି - ବାଲ୍ ପୁରସ୍କାର୍ ଏନ୍‌ଏସ୍‌ଡି

ଦେଶେ ଛୁଆମାନ୍‌କୁ ସୁଯୋଗ୍ ଦେବାର୍ ଆର୍ ସେମାନ୍‌କର୍ ପ୍ରତିଭାକେ ମାଏନ୍‌ତା ଦେବାର୍ ପରମ୍ପରା ରହିଆସିଛେ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ଆଏଜ୍ 'ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍' ଦେଇକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ଛୁଆମାନ୍‌କର୍ ପ୍ରତିଭାକେ ମାଏନ୍‌ତା ଦେବାର୍ ପରମ୍ପରା ଆଗ୍‌କେ ଭିଲ୍ ଜାରି ରହେବା । ୨୦୪୭ ବେଲ୍‌କେ ଇ ପୁରସ୍କାର୍ ପାଇଥିବା ଛୁଆମାନେ ବିକଶିତ୍ ଭାରତ୍ ଗଠନ୍ ଦିଗେ ବଡ଼୍ ଭୂମିକା ନେଇସାରିଥିବେ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍-ରାଷ୍ଟ୍ରପତି)

କଲା, ସଂସ୍କୃତି, ସାହସ, ସୃଜନ, ବିଜ୍ଞାନ ପ୍ରଯୁକ୍ତି, ସମାଜ୍‌ସେବା, ଖେଲ୍ ଆର୍ ମନୋରଞ୍ଜନ୍ ଦିଗେ ବିଶେଷ୍ ସଫଲତା ପାଇଥିବା ୧୪ ଟା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୧୭ ଝନ୍ ଛୁଆଙ୍କୁ ରାଷ୍ଟ୍ରପତି ପୁରସ୍କାର୍ ଦେଇଛନ୍ । ବିଶ୍ୱ ଯୁବ ଭାରୋତଳନ ପ୍ରତିଯୋଗିତାଥି ସ୍ୱର୍ଣ୍ଣପଦକ୍ ପାଇଥିବା ଢେଙ୍କାନାଲ୍ ଜିଲ୍ଲା ପ୍ରିତିସ୍ମିତା ଭୋଇ ଇ ପୁରସ୍କାର୍ ପାଇଛନ୍ । ସମ୍ମାନ୍ ପାଏବାର୍ ଉତ୍‌ରୁ ପ୍ରିତିସ୍ମିତାଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୁଭେଚ୍ଛା ଜନେଇଛନ୍ ।

ବୀର୍ ବାଲ୍ ଦିବସ        ଏନ୍ଏସ୍ଡି

ଦେଶର୍ ଯୁବ ଶକ୍ତିର୍ ଲାଗି ସାରା ପୁର୍‌ଥି ଆଏଜ୍ ଭାରତ୍‌କେ ଆଶା ଆର୍ ଆକାଂକ୍ଷାର୍ ନଜର୍‌ଥି ଦେଖୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ ବୀର୍ ବାଲ୍ ଦିବସ୍ ଉଧେ ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯୁବଶକ୍ତିକେ ବର୍‌କସ୍ କର୍‌ବାର୍‌ଟା ସର୍କାର୍‌ଙ୍କର୍ ଗୁଟେ ନୀତି । ଷ୍ଟାର୍ଟଅପ୍‌ନୁ ମୁଲ୍ କରିକରି କ୍ରୀଡ଼ା, ବିଜ୍ଞାନ୍ ବାଗିର୍ ସବୁ ଦିଗେ ଯୁବଶକ୍ତି କ୍ରାନ୍ତି ଆନୁଛନ୍ । ଛୁଆମାନ୍‌କର୍ ଭିତ୍‌ରେ ସୃଜନ୍‌କେ ତହଁକାବାର୍ ଲାଗି ଦେଶେ ୧୦ ହଜାର୍‌ନୁ ଅଏତ୍‌କା ଅଟଲ୍ ଟିଙ୍କରିଂ ଲେବ୍ ଥାପ୍‌ନା କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଆଏବା ମାସ ସ୍ୱାମୀ ବିବେକାନନ୍ଦଙ୍କର୍ ଜୟନ୍ତୀ ଉଧେ ବିକଶିତ୍ ଭାରତ୍ ଯୁବନେତା ବିତର୍କ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ଘୋଷ୍‌ନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ବିଜେତା ଛୁଆମାନ୍‌କର୍ ସାଙ୍ଗେ ପ୍ରଧାନ୍‌ମନ୍ତ୍ରୀ କଥାବାର୍ତା କରିଥିଲେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଉଧେ ପ୍ରଧାନ୍‌ମନ୍ତ୍ରୀ ସୁପୋଷିତ ଗ୍ରାମ୍‌ପଂଚାୟତ୍ ଅଭିଯାନ୍ ଉଦ୍‌ଘାଟନ୍ କରିକରି ଭଲ୍ କାମ୍ କରିଥିବା ୧ ହଜାର୍ ଗ୍ରାମ୍‌ପଂଚାୟତ୍‌କେ ପୁରସ୍କୃତ୍ କରିଛନ୍ । ପୁରସ୍କାର୍ ଟଙ୍କାର୍ ୫୦ ପ୍ରତିଶତ୍ ଅଙ୍ଗନବାଡ଼ି କର୍ମୀ ସହାୟିକା ଆର୍ ଗ୍ରାମ୍‌ପଂଚାୟତ୍‌କେ

ଦିଆଯିବା ବାକି ୫୦ ପ୍ରତିଶତ୍ ଅଙ୍ଗନବାଡ଼ି ପୋଷଣ୍ ସୁଧାର୍ କାର୍ଯ୍ୟକ୍ରମ୍ ଲାଗି ଖର୍ଚ୍ଚା କରାଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ଗୁରୁଗୋବିନ୍ଦ୍ ସିଂଙ୍କର୍ ପୁଓମାନ୍‌କୁ ସେମାନ୍‌କର୍ ସାହାସ୍ ଲାଗି ଶ୍ରଦ୍ଧାଞ୍ଜଳି ଦେବାର୍‌କେ ୨୦୨୨ ମସିହାନୁ ଫିʼ ବଛର୍ ଡିସେମ୍ବର୍ ୨୬ ତାରିଖ୍ ବାଲ୍ ବୀର୍ ଦିବସ୍ ପାଲନ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଘୋଷ୍‌ନା କରିଥିଲେ ।

ସ୍ୱାମୀତ୍ୱ ସମ୍ପତି କାର୍ଡ଼ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ମଏଧାନର୍ ସାଢ଼େ ୧୨ ବଜେ ଆଭାସୀ ଜରିଏ ୫୮ ଲାଖ୍ ସ୍ୱାମୀତ୍ୱ ସମ୍ପତି କାର୍ଡ଼ ବାଂଟ୍‌ବେ । ଓଡ଼ିଶା ସହେତେ ୧୦ ଟା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୪୬ ହଜାର୍‌ନୁ ଅଏତ୍‌କା ଗାଁର୍ ଲୁକ୍‌କୁ ଇ କାର୍ଡ଼ ଦିଆଯିବା । ଯୋଜ୍‌ନାଥି ୨ କୋଟି ନୁ ଅଏତ୍‌କା ସମ୍ପତି କାର୍ଡ଼ ପ୍ରସ୍ତୁତ୍ ଆର୍ ବାଂଟ୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଆଏବା କାଏଲ୍ ଗୁଟେ ଦିନେ ୫୮ ଲାଖ୍‌ନୁ ଅଏତ୍‌କା କାର୍ଡ଼ ବଂଟାଯିବା । ଇ ଉଧେ ପ୍ରଧାନ୍‌ମନ୍ତ୍ରୀ ହିତାଧିକାରୀଙ୍କୁ ଉଦ୍‌ବୋଧନ ଦେବେ । କାର୍ଡ଼ ବଂଟା କାର୍ଯ୍ୟକ୍ରମ୍‌ର ଆଂଚଲିକ୍ ସମାରୋହ ମାନ୍‌କୁ ତଦାରଖ୍ କର୍‌ବାର୍‌କେ କେନ୍ଦ୍ରମନ୍ତ୍ରୀ ମଣ୍ଡଲ୍‌ର ୧୩ ଝନ୍ ସଦସ୍ୟ ଉପସ୍ଥିତ୍ ରହେବେ । ଇନ ଜନେଇ ଦିଆଯାଇପାରେ ଯେ,

ଡ୍ରୋନ୍ ଟେକ୍ନୋଲୋଜି ସର୍ଭେ ଜରିଏ ଗାଁ ଇଲାକା ନ ଘର୍ ଥିବା ପରିବାର୍ ମାନ୍‌କୁ ‘ରେକର୍ଡ୍ ଅଫ୍ ରାଇଟ୍‌ସ୍’ ଦେବାର୍ ଲାଗି ୨୦୨୦ ଏପ୍ରିଲ୍ ୨୪ ତାରିଖ୍ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଲନ୍ ଉଧେ ପ୍ରଧାନ୍‌ମନ୍ତ୍ରୀ ଇ ସ୍ୱାମୀତ୍ୱ ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ ‘ନ୍ୟୁଜ୍ ଅନ୍ ଏଆଇଆର୍’ ମୋବାଇଲ୍ ଆପ୍‌ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ମନ୍ କି ବାତ୍‌ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଛାତ୍ରସଂସଦ୍ ନିର୍ବାଚନ୍ ହି.ସ.

ରାଏଜେ ଆଏବା ଶିକ୍ଷା ବଛର୍ନୁ କଲେଜ୍ ଛାତ୍ର ସଂସଦ୍ ନିର୍ବାଚନ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚନା ଦେଇଛନ୍ । କଟକ୍ ଜବାହାର୍ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଅଖିଲ୍ ଭାରତୀୟ ବିଦ୍ୟାର୍ଥୀ ପରିଷଦ୍ର ୪୯ ନମ୍ବର୍ ରାଜ୍ୟ ଅଧିବେଶନ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶୈକ୍ଷିକ ବାତାବରଣ୍ଥି ଜ୍ଞାନ୍ର ବୃଦ୍ଧି, ଚରିତ୍ର ନିର୍ମାଣ ଆର୍ ମିଲିତ୍ ଚେରେଷ୍ଟାଥି ରାଷ୍ଟ୍ର ଗଢ଼୍ବାର୍ ଲାଗି ଯୁଆନ୍ ବର୍ଗଙ୍କୁ ଆହ୍ୱାନ୍ ଦେଇଛନ୍ । ଆଏବା ଦିନେ ଅର୍ଥନୀତି କ୍ଷେତ୍ରଥି ଦେଶର୍ ୫ ଟା ମୁଖିଆ ରାଜ୍ୟ ଭିତ୍ରେ ଓଡ଼ିଶା ଠାନ୍ ପାଏବା ବଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଂଗଠନ୍ ତର୍ଫୁ ପ୍ରକାଶିତ୍ ସ୍ମରଣିକାକେ ଉନ୍ମୋଚନ୍ କରିଛନ୍ ।

କେଲେଣ୍ଡର୍- ଶ୍ରୀମନ୍ଦିର୍ I&PR

ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ୨୦୨୫ ଇଂରାଜୀ ନୂଆବରସ୍ ଅବ୍‌ସରେ ମହାପ୍ରଭୁଙ୍କର୍ ଫଟୋଚିତ୍ର ଥିବା କେଲେଣ୍ଡର୍ ବାହାରିଛେ । ଇ କେଲେଣ୍ଡର୍‌ର ପହେଲା ସଂଖ୍ୟାକେ ଶ୍ରୀମନ୍ଦିର୍ ନ ମହାପ୍ରଭୁଙ୍କୁ ଚଢ଼ାଯାଇଛେ । ତାର୍ ଉତ୍‌ରୁ ଇତାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉନ୍ମୋଚନ୍ କରିଛନ୍ । କେଲେଣ୍ଡର୍‌ଥି ମହାପ୍ରଭୁଙ୍କର୍ ରଥ ଉପ୍‌ରେ ବିଜେ କର୍‌ବାର୍ ଫଟୁ ସହେତେ ରାଜ୍ୟର୍ ଭିନ୍ ଭିନ୍ ଶିଳ୍ପୀଙ୍କର୍ ଚିତ୍ର ଆର୍ ବାଲୁକାକଳା ଠାନ୍ ପାଇଛେ । ଇଂରାଜୀ ନୂଆବଛର୍ ଦିନ ପୁରୀ ଆର୍ ଭୁବ୍‌ନେଶ୍ୱର୍ ଠାନେ ଥିବା ଶ୍ରୀମନ୍ଦିର୍ ସୂଚନା କେନ୍ଦ୍ର ଠାନେ ଇ କେଲେଣ୍ଡର୍ ଶ୍ରଦ୍ଧାଳୁମାନ୍‌କୁ ବିକ୍ରି କରାଯିବା ବଲି ସୂଚ୍‌ନା ମିଲିଛେ ।

ରାଜ୍ୟପାଲ୍ ବିଦାୟ ସମ୍ବର୍ଦ୍ଧନା ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ଅତିଥି ଭବନ୍ ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍ଫୁ ବିଦାୟୀ ରାଜ୍ୟପାଲ୍ ରଘୁବର୍ ଦାସ୍‌ଙ୍କୁ ଆଏଜ୍ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରୀ ଦାସ୍‌ଙ୍କୁ ବିଦାୟ କାଲୀନ୍ ସମ୍ବର୍ଦ୍ଧନା ଜନେଇଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର,

ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆର୍ ବହୁତ୍ ବିଶିଷ୍ଟ ଅଧିକାରୀ ଆର୍ ବ୍ୟକ୍ତିବିଶେଷ୍ ଉପସ୍ଥିତ୍ ଥିଲେ ।

ଧାନର୍ ଏଫ୍ଏକ୍ୟୁ ମାନ-ମନ୍ତ୍ରୀ ହି.ସ.

ଧାନର୍ ଏଫ୍ଏକ୍ୟୁ ମାନଥି କେତେ କୋହଲ୍ କରାହେବା ସେ ବାବ୍ଦେ ଜିଲ୍ଲାପାଲ୍ମାନେ ନିଷ୍ପତି ନେବେ ବଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ପୁରା ଖରାପ୍ ନାଇଁ ହେଇଥିଲେ ଧାନ୍ ଘିନ୍ବାର୍କେ ପଦକ୍ଷେପ୍ ନିଆଯିବାର୍ ଉଚିତ୍ । ଇ ବାବ୍ଦେ ଜିଲ୍ଲାସ୍ତରଥି ଚାଷୀ, ମିଲର୍ ଆର୍ ପ୍ରଶାସନ୍ ଆଲୋଚନା ଜରିଏ ନିଷ୍ପତି ନେବାର୍କେ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ ।

ଫସଲ୍ ବୀମା ରାଶି ଆର୍ଏନ୍ୟୁ/ କଟକ୍

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଚାଷୀମାନ୍କୁ ଫସଲ୍ ବୀମା ଟଙ୍କା ଦେବାର୍ ଲାଗି ତୁର୍ତି ପଦକ୍ଷେପ୍ ନେବାର୍କେ ବୀମା କମ୍ପାନୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସମ୍ବେଦନଶୀଲତାର୍ ସହେତେ ଚାଷୀମାନ୍କର୍ ଆବେଦନ୍କେ ସମୀକ୍ଷା କର୍ବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ । ଗଲା ୨୪

ତାରିଖ୍ ଭିତ୍‌ରେ ୨୦ ହଜାର୍‌ନୁ ଅଏତ୍‌କା ଚାଷୀ ବୀମା ଟଙ୍କା ପାଏବାର୍ ଲାଗି ଆବେଦନ୍ କରିସାରିଛନ୍ । ଚାଷୀମାନ୍‌କୁ ବୀମା ଟଙ୍କା ଦେବାର୍ ଲାଗି ବୀମା କମ୍ପାନୀ ଆର୍ କୃଷି ବିଭାଗ୍ ଭିତ୍‌ରେ ଆଲୋଚନା ହେଇଛେ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଫସଲ୍ ନୁକ୍‌ସାନ୍ ହେଇଛେ ଆର୍ ତାର୍ କ୍ଷୟକ୍ଷତି ଆକଲନ୍ ଚାଲିଛେ । ରିପୋର୍ଟ ମିଲ୍‌ବାର୍ ଉତ୍‌ରୁ ପରବର୍ତୀ ପଦକ୍ଷେପ୍ ନିଆଯିବା । ପରିସ୍ଥିତିକେ ନଜର୍‌ଥି ରଖିକରି ମଣ୍ଡି ଖୁଲ୍‌ବାର୍ ତାରିଖ୍‌କେ ଘୁଁଚେଇ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚ୍‌ନା ଦେଇଛନ୍ ।

ରାଜ୍ୟସ୍ତରୀୟ ଯୁବ ଉତ୍ସବ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍, କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ମିଲିତ୍ ଉଦ୍ୟମ୍‌ଥି ରାଜ୍ୟସ୍ତରୀୟ ଯୁବ ଉତ୍ସବ୍ -୨୦୨୪ ଅନୁଷ୍ଠିତ୍ ହେଉଛେ । ଗୁରୁ କେଳୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଠାନେ ହେଉଥିବା ଇ କାର୍ଯ୍ୟକ୍ରମ୍ ଗଲା ୨୪ ତାରିଖ୍‌ନୁ ମୁଲ୍ ହେଇଥିଲା ଆଉ ଇଟା ଆଏଜ୍ ଉଦ୍‌ଯାପିତ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ପଶ୍ଚିମକେ ଲାଗିଥିବା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ସକ୍ରିୟ ଥିବା ଲଘୁଚାପ୍ ଧିରେ ଧିରେ ଦୁର୍ବଲ୍ ହେଉଛେ । ରାଏକେ ଆଏଜ୍‌ଠାନୁ ବର୍ଷାର୍ ପରିମାଣ୍ କମିଛେ । ରାଜ୍ୟର୍ ଉପକୂଲ ସହେତେ ଆଭ୍ୟନ୍ତରିଣ୍ ଇଲାକା ନ କୋହଲା ପାଗ୍ ହେଉଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସାମାଏନ୍ ବର୍ଷା ହେବାର୍ ନେଇକରି ୬ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା କାଏଲ୍ ସମ୍ବଲପୁର, କଲାହାଣ୍ଡି, କନ୍ଧମାଲ୍, ବୌଦ୍ଧ, ବଲାଙ୍ଗିର୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଗୁଟେ କି ଦୁଇଟା ଜାଗା ନ ବହଲିଆ କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।